# ଚଳିତ ଶତାବ୍ଦୀ ମଣିଷକୁ ଅଜ୍ଞାନତାର ପରାଧୀନତାରୁ ମୁକ୍ତି ଦେବ : ମନୋଜ ଦାସ

**ସମ୍ବାଦର ୧୬ଶ ବାର୍ଷିକ ଉତ୍ସବ**

ଭୁବନେଶ୍ୱର,୪।୧୦(ସ.ବ୍ୟୁ) : ଗତ ଶତାବ୍ଦୀ ମଣିଷକୁ ରାଜତନ୍ତ୍ର ଓ ସାମନ୍ତବାଦ ଭିତରୁ ବାହାରି ଆସିବାର ସୁଯୋଗ ଦେଇଛି ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଦ୍ୱାରା ମଣିଷର ପରିଶ୍ରମକୁ ଲାଘବ କରିଦେଇଛି । ଚଳିତ ଶତାବ୍ଦୀ ମଣିଷକୁ ଅଜ୍ଞାନତାର ପରାଧୀନତାରୁ ମୁକ୍ତ କରିବ ଏବଂ ଚେତନାର ବିକାଶରେ ସହାୟକ ହେବ । ତାହା ନହେଲେ ମଣିଷ ତାହାର ଦୁର୍ଦ୍ଦଶା ଓ ଚେତନାଗତ ଦୟନୀୟତାରୁ ରକ୍ଷା ପାଇବାର ସମ୍ଭାବନା ନାହିଁ ବୋଲି ବରିଷ୍ଠ ସାହିତ୍ୟିକ ଅଧ୍ୟାପକ ମନୋଜ ଦାସ କହିଛନ୍ତି ।

ଦୈନିକ ସମ୍ବାଦର ୧୬ଶ ବାର୍ଷିକୋତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଅଧ୍ୟାପକ ଦାସ କହିଲେ ଯେ, ମଣିଷ ଯୁଗ ଯୁଗ ଧରି ୫ଟି ବିଷୟର ସନ୍ଧାନ କରିଆସିଛି । ସେଗୁଡିକ ହେଲା- ଭଗବାନ, ଜ୍ଞାନ, ସ୍ୱାଧୀନତା , ଆନନ୍ଦ ଓ ଅମରତ୍ୱ କିନ୍ତୁ ଆନନ୍ଦର ଅନ୍ୱେଷଣରେ ଯାଇ ଆମୋଦ ଭିତରେ ବନ୍ଦୀ ହୋଇଯାଇଛି । ଫଳରେ ସେହି ଅନ୍ୱେଷଣ ମଣିଷକୁ ଶାନ୍ତି ଦେବା ପରିବର୍ତ୍ତେ ଅଧିକ ଅସହାୟ କରି ଦେଇଛି । ଶାନ୍ତି ଆମୋଦପ୍ରମୋଦ ଭିତରେ ମିଳେନାହିଁ । ଉଚ୍ଚତର ଚେତନା ହିଁ ମଣିଷକୁ ଶାନ୍ତି ଆଣିଦିଏ ବୋଲି ସୂଚନା ଦେଇ ସେ କହିଲେ ଯେ, ପ୍ରାଚୁର୍ଯ୍ୟ ମଣିଷକୁ କେବଳ ଅସହାୟ କରିନାହିଁ ବିପଥଗାମୀ କରିଛି । ଶ୍ରୀ ଦାସ କହିଲେ ଯେ, ପୃଥିବୀରେ ଆଲୋକ, ଅନ୍ଧାର ଏବଂ ସତ୍ୟ ଓ ମିଥ୍ୟା ଏପରି ନିବିଡ ଭାବରେ ରହିଛି ଯେ, ମଣିଷ କେଉଁଟି ବର୍ଜନୀୟ ଓ କେଉଁଟି ଗ୍ରହଣୀୟ ତାହା ନିର୍ଣ୍ଣୟ କରିବା କଷ୍ଟକର । ସମ୍ବାଦପତ୍ରଗୁଡିକ ମଧ୍ୟ ଏଥିରୁ ବାଦ୍ ଯାଇନାହାନ୍ତି । ଅସତ୍ୟ, ବିଭ୍ରାନ୍ତିକର ଓ ପ୍ରୟୋଜନୀୟତାହୀନ ସମ୍ବାଦପତ୍ର ସମ୍ବାଦପତ୍ରର ପୃଷ୍ଠାମଣ୍ଡନ କରୁଛି । କେବଳ ସେତିକି ନୁହେଁ ସାହିତ୍ୟ ଓ ସଂସ୍କୃତି ପତ୍ରିକା ରୂପେ ପରିଚିତ ପତ୍ରିକାଗୁଡିକ ସେମାନଙ୍କ ଅସ୍ତିତ୍ୱ ହରାଉଛନ୍ତି । ଏହିସବୁ (୨ୟ ପୃଷ୍ଠାରେ)

## ଚଳିତ ଶତାବ୍ଦୀ... (ପ୍ରଥମ ପୃଷ୍ଠାରୁ)

ଦୁର୍ଗତି ପଛରେ ଯେଉଁସବୁ ଶକ୍ତି କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ଦୂରୀଭୂତ କରିବା ଆମ ସମସ୍ତଙ୍କର ଦାୟିତ୍ୱ । ସମ୍ବାଦପତ୍ର ସ୍ୱାଧୀନତାର ଅର୍ଥ ମନଇଚ୍ଛା କାର୍ଯ୍ୟ ନୁହେଁ । ମଣିଷ ସ୍ୱାଧୀନତାର ପ୍ରକୃତ ଅର୍ଥ ବୁଝିବ ଯେତେବେଳେ ତାହାର ଆନ୍ତଃଚେତନା ସମସ୍ତ ପ୍ରକାର ସଂସ୍କାରରୁ ମୁକ୍ତ ହୋଇପାରିବ ।

ଶ୍ରୀ ଦାସ କହିଲେ ଯେ, ଜ୍ଞାନପ୍ରତି ଆଗ୍ରହ ଯୋଗୁଁ ହିଁ ମଣିଷର ଖବର ପ୍ରତି ଆଗ୍ରହ ସୃଷ୍ଟି ହୋଇଛି । ପୃଥିବୀ ଚିରନ୍ତନ ଭାବେ ବିବର୍ତ୍ତନ ଭିତର ଦେଇ ଗତିକରୁଛି ଏବଂ ମନସ୍ତରରେ ଯାହାକିଛି କହିବା କଥା କହିସାରିଲାଣି । ତେଣୁ ମନଠାରୁ ଉପରକୁ ଯିବା ପାଇଁ ତାକୁ ଚାବିକାଠି ଖୋଲିବାକୁ ପଡିବ । ଚେତନାର ଏହି ପରିବର୍ତ୍ତନ ପାର୍ଲାମେଣ୍ଟରେ ହୋଇପାରିବ ନାହିଁ । ଏହା କେବଳ ବ୍ୟକ୍ତିଗତ ପ୍ରଚେଷ୍ଟା ଦ୍ୱାରା ହୋଇପାରିବ ବୋଲି ସେ କହିଥିଲେ ଏବଂ ପୃଥିବୀର ଏହି ଚେତନାଗତ ଯାତ୍ରାରେ ସହଯୋଗ କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ ।



ସମ୍ବାଦର ସମ୍ପାଦକ ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ ଏହି ଉତ୍ସବରେ ଅଧ୍ୟକ୍ଷତା କରି କହିଲେ ଯେ, ସମ୍ବାଦ ଏକ ବ୍ୟବସାୟିକ ଖବରକାଗଜ ନୁହେଁ । ଏହା ଏକ ଆନ୍ଦୋଳନ । ତେଣୁ ସମ୍ବାଦ ସମାଜର ସବୁ ବର୍ଗର ଲୋକଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ କରୁଛି । ଓଡିଆ ଭାଷାର ସମ୍ବାଦପତ୍ର ହୋଇଥିବାରୁ ଏହାର ଓଡିଆ ଭାଷା ଓ ସାହିତ୍ୟର ବିକାଶ ପାଇଁ ସ୍ୱତନ୍ତ୍ର ଦାୟିତ୍ୱ ରହିଛି ବୋଲି ପ୍ରକାଶ କରି ଶ୍ରୀ ପଟ୍ଟନାୟକ କହିଲେ ଯେ, ଆର୍ଥିକ ଦୁରବସ୍ଥା ଯୋଗୁଁ ସମ୍ବାଦପତ୍ର ସଂସ୍ଥାମାନେ ଲୋକଙ୍କୁ ଅଧିକ ଉନ୍ନତ ଖବରକାଗଜ ଦେଇପାରୁ ନାହିଁ । ଓଡିଶା ଛଡା ଅନ୍ୟ ରାଜ୍ୟରେ ଖବରକାଗଜର ମୂଲ୍ୟ ଏତେ କମ୍ ନାହିଁ । ତେଣୁ ଓଡିଶାର ସମ୍ବାଦପତ୍ରଗୁଡିକର ସମ୍ପାଦକମାନେ ଏ କ୍ଷେତ୍ରରେ ମିଳିତ ଭାବେ ଚିନ୍ତା କରିବାର ସମୟ ଆସିଛି । ସମ୍ବାଦ କ୍ଷେତ୍ରରେ ଯେଉଁ ପ୍ରତିଯୋଗିତାର ମନୋଭାବ ଦେଖାଦେଇଛି ତାହା ପାଠକଙ୍କୁ ଭଲ ଖବରକାଗଜ ଦେବାରେ ସହାୟକ ହେବ ବୋଲି ସେ କହିଥିଲେ । ଅଧ୍ୟାପକ ଶ୍ରୀ ଦାସ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିବା ସହ ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ପ୍ରଥମେ ଶ୍ରୀ ଗୌରହରି ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଏବଂ ଶେଷରେ ଶ୍ରୀ ସଞ୍ଜୀବ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ । ଏହି ଉତ୍ସବରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ, କୃଷି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅମର ପ୍ରସାଦ ଶତପଥୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ସାହିତ୍ୟିକ, ସାମ୍ବାଦିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।